ଏସ୍.ଏଚ୍. ମେହେଙ୍ଗା ସିଂହ, ପୂର୍ବତନ ସବ୍ ଇନ୍ସପେକ୍ଟର

*ବନାମ*

ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ, ପିଏପି, ଜଲନ୍ଧର କ୍ୟାଣ୍ଟ. ଏବଂ ଅନ୍ୟମାନେ

ସେପ୍ଟେମ୍ବର 1, 1995

[କେ. ରାମାସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଆରକ୍ଷୀ ନିରୀକ୍ଷକ - ରିଭଲଭର ଏବଂ ଅଫୁଟା କାରତୁଜ ହଜାଇବା - ବରଖାସ୍ତ - ପ୍ରଦାନ କରାଯାଇଥିବା ଯୁକ୍ତିଯୁକ୍ତ ବ୍ୟାଖ୍ୟା - ଦଣ୍ଡର ପରିବର୍ତ୍ତନ - ବାଧ୍ୟତାମୂଳକ ଅବସର - ଅବସରକାଳୀନ ସୁବିଧା ପାଇଁ ନିର୍ଦ୍ଦେଶ ।*

**ଜଣେ ଆରକ୍ଷୀ ନିରୀକ୍ଷକ ଥିବା ଅପିଲକାରୀ, ବ୍ୟବହୃତ ହେଉଥିବା ରିଭଲଭର ଏବଂ ଛଅଟି ଅଫୁଟା କାରତୁଜ ଜମା କରିବାରେ ବିଫଳ ହୋଇଥିବାରୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ତାଙ୍କର ବ୍ୟାଖ୍ୟା ଏହା ଥିଲା ଯେ ତାଙ୍କୁ ଅନ୍ୟ ଦୁଇ ସହକର୍ମୀଙ୍କ ସହ ଏକ କୋଠରୀରେ ରହିବାକୁ ପଡ଼ିଥିଲା ଯାହାର ପରିଣାମ ସ୍ୱରୂପ ରିଭଲଭର ଏବଂ ଛଅଟି କାରତୁଜ ହଜି ଯାଇଥିଲା ଏବଂ କୌଣସି କୈଫିୟତ ଦିଆଯାଇନଥିଲା । ତେଣୁ, ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ଉପଯୁକ୍ତ ହୋଇନପାରେ ।**

**ଅପିଲକୁ ଅନୁମତି ପ୍ରଦାନ କରି, ଏହି ଅଦାଲତ**

**ନିର୍ଣ୍ଣୟ କରିଥିଲେ: ସେବାର ପୂର୍ବ ନିଷ୍କଳଙ୍କିତ ଖ୍ୟାତି ଏବଂ ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିଯୁକ୍ତ ବ୍ୟାଖ୍ୟାକୁ ଦୃଷ୍ଟିରେ ରଖି, ସେବାରୁ ବରଖାସ୍ତ କରିବାର ଚରମ ଦଣ୍ଡର ଆବଶ୍ୟକତା ନାହିଁ । ତଦନୁସାରେ, ବରଖାସ୍ତ ଦଣ୍ଡକୁ ବାଧ୍ୟତାମୂଳକ ଅବସର ଭାବରେ ପରିବର୍ତ୍ତନ କରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ଯାହା ଦ୍ୱାରା ଅପିଲକାରୀ ଅବସରକାଳୀନ ସୁବିଧା ପାଇବାକୁ ହକଦାର ହେବେ । ଏହି ଆଦେଶ ପ୍ରାପ୍ତିର ତାରିଖ ଠାରୁ ଛଅ ମାସ ମଧ୍ୟରେ ଅନ୍ତିମ ସୁବିଧା ଗଣନା ଏବଂ ପଇଠ କରାଯିବା ଆବଶ୍ୟକ । [245-C-E]**

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 8082/1995 ।

ମେହେଙ୍ଗା ସିଂହ *ବନାମ* ଇନ୍ସପେକ୍ଟର ଜେନେରାଲ ଅଫ୍ ପୋଲିସ

C.W.P. ସଂଖ୍ୟା 14302/1990ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 8.11.90 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଆଇ. କେ. ମେହେଟ୍ଟା, ଶ୍ରୀମତୀ ଏସ୍. ବଗ୍ଗା ଏବଂ ସୁଶ୍ରୀ ତନୁ ବଗ୍ଗା ।

ଉତ୍ତରଦାତାମାନଙ୍କ ପକ୍ଷରୁ ଜି. କେ. ବଂଶଲଙ୍କ ପାଇଁ ସଞ୍ଜୟ ବଂଶଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଦଣ୍ଡର ପ୍ରଶ୍ନ ମଧ୍ୟରେ ସୀମିତ ରହି 15 ମାର୍ଚ୍ଚ, 1991 ତାରିଖରେ ଅଧିସୂଚନା ଜାରି କରାଯାଇଥିଲା ।

ଅନୁମତି ମଞ୍ଜୁର କରାଗଲା । ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କ ଶୁଣିଛୁ ।

1989 ମସିହା ପର୍ଯ୍ୟନ୍ତ ସେବା କ୍ଷେତ୍ରରେ ଅପିଲକାରୀଙ୍କର ତ୍ରୁଟିଶୂନ୍ୟ ରେକର୍ଡ ରହିଥିଲା । ନିରୀକ୍ଷକ ଭାବରେ ତାଙ୍କୁ ଦିଆଯାଇଥିବା ପଦୋନ୍ନତି ଅନୁଯାୟୀ, ତାଙ୍କୁ ବ୍ୟବହୃତ ହେଉଥିବା ରିଭଲଭର ଏବଂ ଛଅଟି ଅଫୁଟା କାରତୁଜ ଜମା କରିବାକୁ ଥିଲା । ଏହା ତାଙ୍କର ମାମଲା ଯେ ତାଙ୍କୁ ଅନ୍ୟ ଦୁଇ ସହକର୍ମୀଙ୍କ ସହ ଏକ କୋଠରୀରେ ରହିବାକୁ ପଡ଼ିଥିଲା ଯାହାର ପରିଣାମ ସ୍ୱରୂପ ରିଭଲଭର ଏବଂ ଛଅଟି କାରତୁଜ ହଜି ଯାଇଥିଲା ଏବଂ କୌଣସି କୈଫିୟତ ଦିଆଯାଇନଥିଲା । ତେଣୁ, ସ୍ୱତନ୍ତ୍ର ଉତ୍ତରଦାୟିତ୍ୱ ଉପଯୁକ୍ତ ହୋଇନପାରେ ।

ବିବାଦରେ ସମ୍ଭାବନାର ଏକ ଉପାଦାନ ରହିଛି । ସେବାର ପୂର୍ବ ନିଷ୍କଳଙ୍କିତ ଖ୍ୟାତି ଏବଂ ଅପିଲକାରୀଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିଯୁକ୍ତ ବ୍ୟାଖ୍ୟାକୁ ଦୃଷ୍ଟିରେ ରଖି, ଆମର ମତ ହେଉଛି ଯେ ସେବାରୁ ବରଖାସ୍ତ କରିବାର ଚରମ ଦଣ୍ଡର ଆବଶ୍ୟକତା ନାହିଁ । ତଦନୁସାରେ, ଆମେ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରୁଛୁ ଯେ ବରଖାସ୍ତ ଦଣ୍ଡକୁ ବାଧ୍ୟତାମୂଳକ ଅବସର ଭାବରେ ପରିବର୍ତ୍ତନ କରନ୍ତୁ ଯାହା ଦ୍ୱାରା ଅପିଲକାରୀ ଅବସରକାଳୀନ ସୁବିଧା ପାଇବାକୁ ହକଦାର ହେବେ ।

ତଦନୁସାରେ ଅପିଲକୁ ଅନୁମତି ପ୍ରଦାନ କରାଗଲା । ଉପରୋକ୍ତ ନିର୍ଦ୍ଦେଶ ଅନୁଯାୟୀ ଉପଯୁକ୍ତ ଆଦେଶଗୁଡିକୁ ଜାରି କରିବାକୁ ଉତ୍ତରଦାତାମାନଙ୍କୁ ଏକ ନିର୍ଦ୍ଦେଶ ପ୍ରଦାନ କରାଯିବ । ଫଳସ୍ୱରୂପ, ଅପିଲକାରୀ ସମସ୍ତ ଅନ୍ତିମ ସୁବିଧା ପାଇବାକୁ ହକଦାର ହେବେ ଯାହା ଏହି ଆଦେଶ

ପ୍ରାପ୍ତିର ତାରିଖ ଠାରୁ ଛଅ ମାସ ମଧ୍ୟରେ ଗଣନା ଏବଂ ପଇଠ କରାଯିବା ଆବଶ୍ୟକ ଅଟେ । ଉପରୋକ୍ତ ଅବଧି ମଧ୍ୟରେ ତାଙ୍କର ଅବସରକାଳୀନ ଭତ୍ତା ମଧ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ